ପାଠ-୧୦

# ବାମନର ହାତ ଓ ଆକାଶର ଚନ୍ଦ୍ର

**STUDY NOTES**

## MIND MAP



## ପ୍ରବନ୍ଧର ସାରମର୍ମ

ଆକୃତିରେ ଅତି କ୍ଷୁଦ୍ର ମାନବକୁ ଏ ସଂସାର ବାମନର ଆଖ୍ୟା ଦେଇଛି । ସେ ଯଦି ପୃଥିବୀଠାରୁ ବହୁ ଦୁରରେ ଆକାଶ ବକ୍ଷରେ ଲୋଭନୀୟ ଦିଶୁଥିବା ଚନ୍ଦ୍ରମଣ୍ଡଳକୁ ଧରିବାପାଇଁ ହସ୍ତ ପ୍ରସାରଣ କରେ, ତେବେ ତା'ର ସେପରି ଚେଷ୍ଟା ଯୋଗୁଁ ସେ ଲୋକହସା ହେବ; ଏହା ନିଃସନ୍ଦେହ । କେବଳ ସେ ନୁହେଁ, ପୃଥିବୀର ସବୁଠାରୁ ଡେଙ୍ଗା ଲୋକ ଯଦି ଚନ୍ଦ୍ରକୁ ଧରିବାକୁ ଚେଷ୍ଟାକରେ; ସେ ମଧ୍ୟ ଲୋକହସା ହେବ । ତଥାପି ଇତିହାସ କହେ, କେତେକ ବାମନ ଅସଂଖ୍ୟ ଡେଙ୍ଗାଲୋକଙ୍କୁ ଟପି ଚନ୍ଦ୍ରକୁ ହାତ ବଢାଇ କୃତକାର୍ଯ୍ୟ ହୋଇଛନ୍ତି । ଅର୍ଥାଭାବ ଯୋଗୁ ଚା ନ ପାଇ ଗରମପାଣି ପାନ କରି ଶୀତ ନିବାରଣ କରୁଥିବା ବିଲାତର ଅନାମଧେୟ ପିଲାଟି ପରବତୀ କାଳରେ ପ୍ରଧାନମନ୍ତ୍ରୀ ହୋଇଥିଲା । ପଇସା ଅଭାବରୁ ଘରେ ଆଲୁଅ ଜାଳି ନ ପାରି ସଡକ ଆଲୁଅରେ ପାଠ ପଢୁଥିବା ଆମେରିକା ଯୁକ୍ତରାଜ୍ୟର ଗରିବ ପିଲାଟି ଦିନେ ଯୁକ୍ତରାଜ୍ୟର ସଭାପତି ଆସନରେ ବସିଥିଲା । ସେହି ଯୁକ୍ତରାଜ୍ୟର ଜଣେ ସଭାପତିଙ୍କ ଉନ୍ନତି ହୋଇଥିଲା ପତ୍ରକୁଡିଆରୁ ରାଜ୍ୟପ୍ରସାଦ ମଧ୍ୟକୁ । ବଙ୍ଗ ପ୍ରଦେଶକୁ ଆସିଥିବା ଜଣେ ଗୋରା ଲାଟସାହେବ ଦିନେ କୁଲିଭାବରେ ଜୀବିକା ଉପାର୍ଜନ କରୁଥିଲେ । ଜଣେ ସାମାନ୍ୟ କଚୁଆନର ପୁଅ ପ୍ରଥମ ମହାସମରର ବିରାଟ ମନ୍ଥନ ମଧ୍ୟରୁ ଚେକୋସ୍ଲୋଭାକିଆ ଭଳି ରାଜ୍ୟ ପ୍ରତିଷ୍ଠା କରିଥିଲେ । ଦରିଦ୍ର କମାର ଘରେ ଜନ୍ମ ହୋଇଥିବା ମୁସୋଲିନ୍ ଦିନେ ହେଲେ ଇଟାଲୀର ଭାଗ୍ୟବିଧାତା । ଇଟାଭାଟିରେ କାମ କରି ପେଟ ପୋଷୁଥିବା ପିଲାଟି ଦିନେ ହିଟଲର ରୂପେ ହୋଇଥିଲେ ପୃଥିବୀ ବିଖ୍ୟାତ । ମୋଚିପିଲା ହୋଇ ମଧ୍ୟ ଷ୍ଟାଲିନ୍ ହେଲେ ରୁଷିଆର କର୍ଣ୍ଣଧାର । ଭାରତର ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କର ଜନ୍ମ ମଧ୍ୟ ହୋଇଥିଲା ସାମନ୍ୟ ପୂଜାରୀ ଘରେ । ଏମାନେ ବାମନ ହୋଇ ଜନ୍ମ ହୋଇ ଜନ୍ମ ହୋଇଥିଲେ ମଧ୍ୟ ଆକାଶର ଚନ୍ଦ୍ର ଧରିବାକୁ ସମର୍ଥ ହୋଇଥିଲେ । କିନ୍ତୁ ଏହିପରି କୋଟି କୋଟି ବାମନ ପୃଥିବୀକୁ ଆସି ବଣର ମାଳତୀ ପରି ବନରେ ଫୁଟି ଝଡି ପଡୁଛନ୍ତି । ଆକାଶ ବକ୍ଷରେ ଥିବା ଉଜ୍ଜ୍ୱଳ ଚନ୍ଦ୍ରମଣ୍ଡଳକୁ ଦେଖି ଲୋଭସମ୍ବରଣ କରିନପାରି ଯିଏ ଚନ୍ଦ୍ରକୁ ହାତ ବଢାଇ ଧରିପାରୁଛି, ସେ ଉଚତାରେ ଲକ୍ଷ ଲକ୍ଷ ଡେଙ୍ଗା ଲୋକଙ୍କୁ ଟପି ଯାଉଛି, ଯିଏ ଧରି ନପାରୁଛି ସେ ହାସ୍ୟାସ୍ପଦ ହେଉଅଛି ।